# ଭାରତୀୟ ଜନତା ପାର୍ଟି, ଓଡିଶା

**ଶାସକ ବିଜେଡିର 'ଆମ ଗାଁ, ଆମ ବିକାଶ', ଏବଂ 'ବିଜୁ ଯୁବ ବାହିନୀ' ଜରିଆରେ ବ୍ୟାପକ ଆର୍ଥିକ ଅନୀୟମିତତା ପ୍ରସଙ୍ଗରେ**

## ରାଜ୍ୟ ମହାଲେଖା ନିୟନ୍ତ୍ରକ (ଆକାଉଂଟାଂଟ ଜେନେରାଲ)କୁ ଭେଟି ଦାବୀ ପତ୍ର ଦେଲେ ବିଜେପି ବିଧାୟକ

- **ସ୍ୱତନ୍ତ୍ର ଅଡିଟ୍ କରାଯିବାକୁ ଦାବୀ ଜଣାଇଲା ପ୍ରତିନିଧି ଦଳ**
- **ଯଥା ଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ମହାଲେଖା ନିୟନ୍ତ୍ରକଙ୍କ ନିର୍ଭର ପ୍ରତିଶୃତି**

**ଭୁବନେଶ୍ୱର, ତା.୦୪/୦୯ :**ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାସକ ବିଜୁ ଜନତା ଦଳ ଶାସନ କ୍ଷମତାର ଅପବ୍ୟବହାର କରି ନିଜ ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ବିପୁଳ ଅର୍ଥ ଖର୍ଚ୍ଚ କରୁଛି । କେବଳ ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ବିଧାନର ଆଇନକୁ ନିଜ ମନ ଇଚ୍ଛା ପରିବର୍ତ୍ତନ କରି 'ଆମ ଗାଁ, ଆମ ବିକାଶ', 'ବିଜୁ ଯୁବ ବାହିନୀ' ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ବିପୁଳ ରାଜସ୍ୱ ଖର୍ଚ୍ଚ କରି ଚାଲିଛି । ଏପରିକି ପଂଚାୟତ କ୍ଷମତାକୁ ଛଡାଇ ନେଇ ଶାସକ ବିଜେଡି ରାଜ୍ୟ ସଚିବାଳୟରୁ ଆସାମ୍ବିଧାନିକ ଭାବେ ନିଜ ଏବଂ ଦଳୀୟ  ଇଚ୍ଛା ଓ ସ୍ୱାର୍ଥ ଅନୁଯାୟୀ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ଆଉ ଏ ସମସ୍ତ ଆସାମ୍ବିଧାନିକ କାର୍ଯ୍ୟକଳାପରୁ ଦୁର୍ନିତୀର ଗନ୍ଧ ସ୍ୱଷ୍ଟ ବାରି ହୋଇଥିବା ଗଣମାଧ୍ୟମରେ ପ୍ରକାଶ ମଧ୍ୟ ହୋଇଛି । ରାଜ୍ୟ ସରକାରଙ୍କ ଏତାଦୃଶ ମନୋମୁଖୀ କାର୍ଯ୍ୟକଳାପକୁ ବିରୋଧ କରିବା ସହ ଏ ସଂକ୍ରାନ୍ତରେ ହୋଇଥିବା ଆର୍ଥିକ ଅନୀୟମିତତା ବିରୁଦ୍ଧରେ ଆଜି ରାଜ୍ୟ ବିଜେପି ବିଧାୟକମାନେ ରାଜ୍ୟ ମହାଲେଖା ନିୟନ୍ତ୍ରକ (ଆକାଉଂଟାଂଟ ଜେନେରାଲ)କୁ ଭେଟି ଦାବୀ ପତ୍ର ପ୍ରଦାନ କରିଛନ୍ତି ।

ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ବିଜେପି ବିଧାୟକମାନେ ରାଜ୍ୟ ମହାଲେଖା ନିୟନ୍ତ୍ରକ (ଆକାଉଂଟାଂଟ ଜେନେରାଲ)କୁ ଭେଟି ଏ ସଂପର୍କରେ ଆଲୋଚନା କରି ବିସ୍ତୃତ ଭାବେ ଜଣାଇଛନ୍ତି ।

ରାଜ୍ୟ ରାଜସ୍ୱରେ ଆୟୋଜିତ 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମକୁ ଶାସକ ବିଜେଡି ନିଜ ଦଳୀୟ କାର୍ଯ୍ୟକ୍ରମ ଭାବେ ଆୟୋଜନ କରିବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା ସ୍ତରରେ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଯାହାକି ଖୋଲାଖୋଲି ସମ୍ବିଧାନ ଉଲ୍ଲଂଘନ ଅଟେ । ଏ ସମସ୍ତ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନିଜେ ପରିଚାଳନା କରୁଛନ୍ତି । ସଚିବାଳୟରେ ବସି ରହି ମୁଖ୍ୟମନ୍ତ୍ରୀ ଯେଉଁ ଭଳି ଭାବେ ଅର୍ଥ ଆବଂଟନ କରୁଛନ୍ତି, ତାହା ସଂପୂର୍ଣ୍ଣ ଅଗଣତାନ୍ତ୍ରୀକ ଓ ଅସାମ୍ବିଧାନିକ । ଆବଂଟିତ ଅର୍ଥର ଖର୍ଚ୍ଚ ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ ନାହିଁ ।

ସେହିପରି ବିଜୁ ଯୁବ ବାହିନୀ ଶାସକ ବିଜେଡିର ଏକ ମୋର୍ଚ୍ଚା ଭାବେ କାର୍ଯ୍ୟ କରୁଛି । ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ୪୫୦ କୋଟି ଟଙ୍କାର ଅର୍ଥକୁ ମୁଖ୍ୟମନ୍ତ୍ରୀ ଏବଂ ଦଳୀୟ ପ୍ରଚାର ପାଇଁ ବିଜ୍ଞାପନ, ବିଭିନ୍ନ ସଭା ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଆମୋଦ ପ୍ରମୋଦ ପାଇଁ ଖର୍ଚ୍ଚ କରାଯାଉଅଛି । ଏହା ସଂପୂର୍ଣ୍ଣ ଭାବେ ଅଗଣତାନ୍ତ୍ରୀକ ଏବଂ ଅସାମ୍ବିଧାନିକ ବୋଲି କହିବା ସହ ଏ ସମସ୍ତ ସଂପର୍କରେ ରାଜ୍ୟ ମହାଲେଖା ନିୟନ୍ତ୍ରକ (ଆକାଉଂଟାଂଟ ଜେନେରାଲ)ଙ୍କୁ କହିଛନ୍ତି ।

ରାଜ୍ୟ ସରକାରଙ୍କ ଏଭଳି ଅଗଣତାନ୍ତ୍ରୀକ ଓ ଅସାମ୍ବିଧାନିକ ଅର୍ଥନୈତିକ କାର୍ଯ୍ୟକଳାପ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଡିଟ୍ କରାଯିବାକୁ ବିଜେପି ବିଧାୟକ ପ୍ରତିନିଧି ଦଳ ଦାବୀ କରିଛନ୍ତି ।

ବିଜେପି ବିଧାୟକ ପ୍ରତିନିଧି ଦଳର ଦାବୀ ଉପରେ ଯଥା ଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ରାଜ୍ୟ ମହାଲେଖା ନିୟନ୍ତ୍ରକ (ଆକାଉଂଟାଂଟ ଜେନେରାଲ) ନିର୍ଭର ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ସିଂହଦେଓ ସୁଚନା ଦେଇଛନ୍ତି ।

ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବିଭୁତି ହରିଚନ୍ଦନ, ଦୁର୍ଯୋଧନ ମାଝୀ, ରବି ନାରାୟଣ ନାଏକ, ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ନୀତେଶ ଗଙ୍ଗଦେବ, ଗୋବିନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**